# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06th March - 2025

*********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିଲା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ରାଶି ।

— ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କପାଇଁ ସ୍ୱତନ୍ତ୍ର ସହାୟତା ଘୋଷଣା କଲେ ସରକାର ।

- ଆସନ୍ତାକାଲିଠାରୁ ଆରମ୍ଭ ହେବ ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ।

- ଶେଷ ହେଲା ମାଟ୍ରିକ୍ ପରୀକ୍ଷା; ମଇ ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ପରୀକ୍ଷା ଫଳ ।

ଏବଂ

- ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ।

*Desk*

# ସୁଭଦ୍ରା ସହାୟତା ରାଶି

ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ଆଜି ପ୍ରଦାନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି। ଅଙ୍ଗନୱାଡି କର୍ମୀଙ୍କୁ ୧୫ ଶହ ଟଙ୍କା ଓ ସହାୟିକାଙ୍କୁ ୫୦୦ ଟଙ୍କା ଲେଖାଏଁ ସହାୟତା ମିଳିବ। ଶ୍ରୀମତୀ ପରିଡ଼ା ମହିଳା ସଶକ୍ତୀକରଣପାଇଁ ଆସନ୍ତାକାଲି ସନ୍ଧ୍ୟାରେ ସୁଭଦ୍ରା ହିତାଧିକାରୀମାନଙ୍କୁ 'ଗୋଟିଏ ସୁଭଦ୍ରା, ଗୋଟିଏ ଦୀପ' ଜାଳିବାପାଇଁ ଆହ୍ୱାନ ଦେଇଛନ୍ତି ।

ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି ଯୋଜନା ମହିଳାଙ୍କ ମନୋବଳ ବୃଦ୍ଧି କରିବା ସହ ରାଜ୍ୟରେ ମହିଳା ସଶକ୍ତୀକରଣର ଏକ ଅଂଶ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ପର୍ଯ୍ୟାୟରେ ୨ ଲକ୍ଷ ୩୦ ହଜାରରୁ ଅଧିକ ନୂତନ ହିତାଧିକାରୀଙ୍କୁ ୧୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ସେହିଭଳି ଆସନ୍ତା ଶନିବାର ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିରେ ହିତାଧିକାରୀମାନଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ବ୍ରହ୍ମପୁରରେ ଦିଆଯିବ।

***Desk***

# ବିଧାନସଭା

ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଖର୍ଚ୍ଚଦାବୀ ଆଲୋଚନା ସହିତ ବ୍ୟୟ ମଞ୍ଜୁରୀ ବିଧେୟକ ପାରିତ ହେବ । ସୂଚନା ଅନୁସାରେ ସପ୍ତଦଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଗତ ଫେବୃୟାରୀ ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ ।

***Ganjam/R***

# ପ୍ରକଳ୍ପ ସମୀକ୍ଷା

ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଞ୍ଜାମ ଜିଲା ଗସ୍ତ କରି ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ପାନୀୟ ଜଳଯୋଗାଣ, ମନରେଗା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି

ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

***Desk***

## ମାଟ୍ରିକ୍ ରେଜଲ୍ଟ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଆଜି ଶେଷ ହୋଇଛି । ମାଟ୍ରିକ୍ ପରୀକ୍ଷାଫଳ ମଇ ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ୧୯ ତାରିଖରୁ ଖାତା ଦେଖା ଆରମ୍ଭ ହେବ।

ଏହି ପରୀକ୍ଷାରେ ପ୍ରଥମ ଥର ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ କ୍ୟୁ.ଆର୍.କୋର୍ଡର ବ୍ୟବସ୍ଥା କରାଯାଇଥିଲା। ପ୍ରଶ୍ନପତ୍ରର ପ୍ରତିଟି ପୃଷ୍ଠାରେ ଏହି କ୍ୟୁଆରକୋଡ୍ ରହିଥିଲା। ସୂଚନାଯୋଗ୍ୟ, ଗତମାସ ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା ।

*Desk*

# ଶିଶୁବାଟିକା

ରାଜ୍ୟରେ ୨୦୨୫-୨୬ ଶିକ୍ଷାବର୍ଷ ଲାଗି ଆସନ୍ତା ମାସ ପହିଲାରୁ ପାଠପଢ଼ା ଆରମ୍ଭ ହେବ । ଏପ୍ରିଲ୍ ୨ ତାରିଖରୁ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ହେବ । ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଚଳିତ ବର୍ଷ ଶିଶୁବାଟିକା ନାମକ ଅତିରିକ୍ତ ଶ୍ରେଣୀ ଖୋଲାଯିବ । ସେଥିରେ ୫ରୁ ୬ ବର୍ଷ ବୟସର ପିଲାମାନେ ପାଠ ପଢ଼ିବେ । ସେହିପରି ୬ ବର୍ଷରୁ ଊର୍ଦ୍ଧ୍ୱ ବୟସର ପିଲାମାନେ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରିବେ । ଏନେଇ ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଅଭିଯାନ ଆରମ୍ଭ କରାଯିବ । ଅଭିଯାନରେ ଅଭିଭାବକ, ନିର୍ବାଚିତ ପ୍ରତିନିଧି, ବିଭାଗୀୟ ଅଧିକାରୀଙ୍କ ସମେତ ଛାତ୍ରଛାତ୍ରୀ ସାମିଲ୍ ହେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସ୍ତରରେ ନିମନ୍ତ୍ରଣପତ୍ର ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି । ଶିଶୁବାଟିକା ଏବଂ ପ୍ରଥମ ଶ୍ରେଣୀରେ ପାଠ ପଢ଼ିବାକୁ ଥିବା ପିଲାମାନଙ୍କ ଅଭିଭାବକଙ୍କୁ ଏହି ନିମନ୍ତ୍ରଣପତ୍ର ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

*Puri/R*

## ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଆସନ୍ତା ୧୩ ତାରଖରେ ମେଣ୍ଢାପୋଡ଼ି ଏବଂ ୧୪ ତାରିଖରେ ଦୋଳପୂର୍ଣ୍ଣମୀ ନୀତି ନିର୍ଘଣ୍ଟ ନେଇ ଆଲୋଚନା ହୋଇଛି । ପୁରୀ ଏସ୍.ପି. ବିନିତ ଅଗ୍ରୱାଲ୍ଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ଓ ଛତିଶା ନିଯୋଗ ସେବାୟତ ପ୍ରତିନିଧିମାନେ ବୈଠକରେ ଅଂଶଗ୍ରହଣ କରିଥିଲେ ।

*Desk*

## ସାହତ୍ୟ ଏକାଡେମୀ

ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସାହିତ୍ୟ ଏକାଡେମୀର ବାର୍ଷିକ ସାହିତ୍ୟ ମହୋତ୍ସବ "Festival of Letters-2025" ନୂଆଦିଲ୍ଲୀର ରବୀନ୍ଦ୍ର ଭବନଠାରେ ଆସନ୍ତାକାଲିଠାରୁ ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏହି ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ମହୋତ୍ସବରେ ଶହେରୁ ଅଧିକ

ଅଧିବେଶନ ରହିବ । ଚଳିତ ବର୍ଷ ମହୋତ୍ସବର ବିଷୟବସ୍ତୁ ରହିଛି "ଭାରତୀୟ ସାହିତ୍ୟ ପରମ୍ପରା" । ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ୨୩ଟି ଭାଷାରେ ପ୍ରତିଷ୍ଠିତ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ ।

***Sambalpur/R***

# ସୁଭଦ୍ରା - ପଥପ୍ରାନ୍ତ ସଚେତନତା

ସମ୍ବଲପୁର ଜିଲ୍ଲା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ସୁଭଦ୍ରା ଯୋଜନା ସମ୍ପର୍କରେ ଜନଜାଗରଣ ସୃଷ୍ଟି ନେଇ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଉପାଦେୟତା ସମ୍ପର୍କରେ ଅବଗତ କରାଇଥିଲେ । ବଞ୍ଚିତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ୍ କରାଯିବା ଏବଂ ନୂତନ ହିତାଧିକାରୀଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଆବେଦନ କରିବା ଲାଗି ପରାମର୍ଶ ଦିଆଯାଇଥିଲା ।

***Baragarh/R***

# ଅନ୍ତର୍ଜାତୀୟ ମହିଳା ଦିବସ

ପ୍ରେରଣାଦାୟୀ ମହିଳାମାନଙ୍କ ସଫଳତା, ଅବଦାନ, ସମାଜର ବିକାଶରେ ମହିଳାଙ୍କ ଯୋଗଦାନ ଓ ସମର୍ପଣକୁ ସମ୍ମାନ ଜଣାଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଛି । ଏହି ଉପଲକ୍ଷେ ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗ ସାହସୀ, ସ୍ୱାବଲମ୍ବୀ ଏବଂ ଅନ୍ୟମାନଙ୍କପାଇଁ ଉଦାହରଣ ସାଜିଥିବା ମହିଳାଙ୍କ ସଫଳତାର କାହାଣୀ ପ୍ରସ୍ତୁତ କରୁଛି । ଏହି ମର୍ମରେ ଆମ ବରଗଡ଼ ସମ୍ବାଦଦାତା ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ରିପୋର୍ଟ :

***Voice*** **:.........**

***Boudh/R***

# ଗ୍ରାମୋଦୟ ଯୋଜନା

ବୌଦ୍ଧଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗ୍ରାମୋଦୟ ଯୋଜନାର ଜିଲ୍ଲାସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଗ୍ରାମୋଦୟ ଯୋଜନାରେ କଣ୍ଟାମାଳ ବ୍ଲକ୍ ଅନ୍ତର୍ଗତ ବରଗାଁ ପଞ୍ଚାୟତର ୧୧ଟି ଗ୍ରାମ ଚିହ୍ନଟ କରାଯାଇଛି । ସେହି ଗ୍ରାମଗୁଡ଼ିକର ଗ୍ରାମବାସୀଙ୍କୁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଇ

ସେମାନଙ୍କୁ ସମାଜର ବିକାଶଧାରାରେ ସାମିଲ୍ କରିବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

***Rayagada/R***

# ଅଂଶୁଘାତ ମୁକାବିଲା ବୈଠକ

ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତର ମୁକାବିଲା ପାଇଁ ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୩ ମାସରେ ଅଂଶୁଘାତର ମୁକାବିଲାପାଇଁ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ପ୍ରସ୍ତୁତ ରହିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

***Boudh/R***

# ଫୁଟ୍‌ବଲ୍

ବୌଦ୍ଧ ଜିଲ୍ଲା ଫୁଟ୍‌ବଲ୍ ଆସୋସିଏସନ୍‌ଦ୍ୱାରା ଆୟୋଜିତ ଷୋଡ଼ଶ ସର୍ବଭାରତୀୟ ଡି.ଏସ୍. ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍-ବି’ର ପ୍ରଥମ ମ୍ୟାଚ୍ କଟକ ଫୁଟ୍‌ବଲ୍ ଆସୋସିଏସନ୍ ନିୟୁ ସ୍ପୋର୍ଟିଂ କ୍ଲବ୍, ଛତିଶଗଡ଼କୁ ୨-୦

ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଆସନ୍ତାକାଲି ଗ୍ରୁପ୍-ବି'ର ଦ୍ୱିତୀୟ ମ୍ୟାଚ୍ ଏମ୍.କେ.ଏସ୍.ସି. ବକ୍ସର, ବିହାର ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ ।

***Met. O.***

## ପାଣିପାଗ

ରାଜ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆଜି ପାରଳାଖେମୁଣ୍ଡିଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଛି । ସେହିଭଳି ୩୮ଟି ସହରର ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ ହୋଇଛି ।

*****